## ଡି.ଏ.ଭି ପବ୍ଲିକ ସ୍କୁଲସମୂହ, ଓଡ଼ିଶାଜୋନ୍

## ନମୁନା ପ୍ରଶ୍ନ

**ବିଷୟ: ଉଚ୍ଚତର ଓଡ଼ିଆ** **ଶ୍ରେଣୀ: ଅଷ୍ଟମ**

**ପୁସ୍ତକର ନାମ: ୧. ସାହିତ୍ୟିକା – ଅଷ୍ଟମ ଶ୍ରେଣୀ , ପ୍ରକାଶକ –ବିଦ୍ୟାଳୟ ଓ ଗଣଶିକ୍ଷାବିଭାଗ , ଓଡ଼ିଶା ସରକାର ( ମୁଦ୍ରଣ ବର୍ଷ -୨୦୨୧)**

**୨. ଆମ ଓଡ଼ିଆ ବ୍ୟାକରଣ-ଅଷ୍ଟମ ଶ୍ରେଣୀ , ପ୍ରକାଶକ –ବିଦ୍ୟାଳୟ ଓ ଗଣଶିକ୍ଷାବିଭାଗ , ଓଡ଼ିଶା ସରକାର ( ମୁଦ୍ରଣ ବର୍ଷ -୨୦୧୯)**

### ପ୍ରଥମ ସାମୟିକ ପରୀକ୍ଷା ୨୦୨୩-୨୪

| ପରୀକ୍ଷା | ତାରିଖ | ପୂର୍ଣ୍ଣ ସଂଖ୍ୟା |
|---|---|---|
| ସାମୟିକ ପରୀକ୍ଷା-୧ | ଜୁଲାଇ ୨୪ତାରିଖରୁ ଜୁଲାଇ ୩୧ତାରିଖ | ୪୦ |

## SYLLABUS

| | ବିଭାଗ | ପୂର୍ଣ୍ଣ ସଂଖ୍ୟା |
|---|---|---|
| | **'କ' ବିଭାଗ – ପଠନ (୫)** | |
| ୧. | ଅପଠିତ ଗଦ୍ୟାଂଶ (୧୦୦ ରୁ ୧୨୦ ଶବ୍ଦ ମଧ୍ୟରେ ) | ୫X୧=୫ |
| | **'ଖ' ବିଭାଗ – ଲିଖନ(୫)** | |
| ୨. | ଅନୁଚ୍ଛେଦ ଲିଖନ | ୧X୫=୫ |
| | **'ଗ'ବିଭାଗ – ବ୍ୟାକରଣ–(୧୦)** | |
| ୩. | (କ) ବର୍ଣ୍ଣ(ସ୍ୱର,ବ୍ୟଞ୍ଜନ) | ୧X୩=୩ |
| | (ଖ) ଲିଙ୍ଗ,ବଚନ,ପୁରୁଷ | ୧X୩=୩ |
| | (ଗ) ତତ୍ସମ,ତଦ୍ଭବ ଶବ୍ଦ | ୧X୪=୪ |
| | **'ଘ' ବିଭାଗ – ପାଠ୍ୟପୁସ୍ତକ–(୨୦)** | |
| ୪. | ସରଳାର୍ଥ | ୫X୧=୫ |
| ୫. | ସଂକ୍ଷିପ୍ତ ପ୍ରଶ୍ନ (ଗଦ୍ୟ ଓ ପଦ୍ୟ) | ୨X୩=୬ |
| ୬. | ବହୁ ବୈକଳ୍ପିକ ପ୍ରଶ୍ନ (ଗଦ୍ୟ ଓ ପଦ୍ୟ) | ୧X୪=୪ |
| ୭. | ସଂକ୍ଷିପ୍ତ ଉତ୍ତର ମୂଳକ ପ୍ରଶ୍ନ (ଅତିରିକ୍ତ ସାହିତ୍ୟ) | ୧X୫=୫ |

## TYPOLOGY OF QUESTIONS

| | | |
|---|---|---|
| ୧ | ବହୁ ବୈକଳ୍ପିକ ପ୍ରଶ୍ନ (VSA – I) | ୧ |
| ୨ | ଅତି ସଂକ୍ଷିପ୍ତ ଉତ୍ତର (VSA – II) | ୧ |
| ୩ | ସଂକ୍ଷିପ୍ତ ଉତ୍ତର(SA – I) | ୨ |
| ୪ | ଦୀର୍ଘ ଉତ୍ତର (LA) | ୫ |

## ପଠନ

( ପ୍ରତ୍ୟେକ ପ୍ରଶ୍ନ ଏକ ଅଙ୍କ ଲେଖାଏଁ ବହନ କରେ )

୧. ନିମ୍ନଲିଖିତ ଅପଠିତ ଗଦ୍ୟ ଅନୁଚ୍ଛେଦଟିକୁ ପଢ଼ି ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ ।

ହିନ୍ଦୁ ଧର୍ମର ମହାନ ମହାକାବ୍ୟ ମହାଭାରତର ବିଭିନ୍ନ ସ୍ଥାନରେ "ଅହିଂସା ପରମୋ ଧର୍ମ" ଉକ୍ତିଟି ଲେଖାଯାଇଛି । ଯାହାର ଆକ୍ଷରିକ ଅର୍ଥ ହେଉଛି ଅହିଂସା ହିଁ ସର୍ବୋଚ୍ଚ ନୈତିକ ଗୁଣ । ମୁନିଋଷି, ମନୀଷୀ, ପଣ୍ଡିତ, ସନ୍ଥ, ଜ୍ଞାନୀଜନମାନେ ଅହିଂସାକୁ ଶୀର୍ଷସ୍ଥାନ ପ୍ରଦାନ କରିଛନ୍ତି । ଭାରତୀୟ ଚେତନାର ଉନ୍ମେଷରେ ତା'ର ସଂସ୍କୃତି, ଧର୍ମ ଓ ପରମ୍ପରାରେ ଅହିଂସା ପରମ ଧର୍ମ ରୂପେ କାଳେ କାଳେ ଗ୍ରହଣୀୟ ହୋଇ ଆସିଛି । ସେମାନେ ଭଲ ଭାବେ ଜାଣିଥିଲେ ଯେ ସୁଶୃଙ୍ଖଳିତ, ସଂହତି ଓ ଶାନ୍ତିକାମୀ ସମାଜ ଗଠନ କରିବାକୁ ହେଲେ ହିଂସାକୁ ବାଦ୍ ଦେବାକୁ ହେବ । ହିଂସା ହିଁ ବ୍ୟକ୍ତି ମଧ୍ୟରେ ଶତ୍ରୁତା ଓ ଦୂରତା ବଢ଼ାଏ । ହିଂସାର କୁପରିଣତି ସମ୍ପର୍କରେ ଅବଗତ କରାଇବା ପାଇଁ ପୁରାଣ, ନୀତିଶାସ୍ତ୍ର ଓ ଧର୍ମଶାସ୍ତ୍ର ରଚିତ ହୋଇ ବିଶ୍ୱ ଭ୍ରାତୃତ୍ୱ ଓ ଜଗତୀକରଣର ପରିକଳ୍ପନା କରାଯାଇଛି । ପୃଥିବୀର ସମସ୍ତ ଧର୍ମଶାସ୍ତ୍ରରେ ଅହିଂସାକୁ ପରମ ଧର୍ମ ଭାବରେ ସ୍ୱୀକୃତି ଦିଆଯାଇଛି । ସୃଷ୍ଟିର ସୌନ୍ଦର୍ଯ୍ୟକୁ ଅପ୍ରତିହତ ଓ ଅକ୍ଷୁର୍ଣ୍ଣ ରଖିବା ପାଇଁ ଅହିଂସାର ଆହ୍ୱାନ ଗ୍ରହଣୀୟ ଓ ବରଣୀୟ । ଅହିଂସା ପରମୋ ଧର୍ମ – ଏହି ଉକ୍ତିଟି ଅନେକ ଜୈନ ମନ୍ଦିରର କାନ୍ଥରେ ଖୋଦିତ ହୋଇଥିବାର ଦେଖିବାକୁ ମିଳେ । ବୌଦ୍ଧଧର୍ମରେ ଥିବା ପାଞ୍ଚଟି ସିଦ୍ଧାନ୍ତ ମଧ୍ୟରୁ ଅହିଂସା ଅନ୍ୟତମ। ବୌଦ୍ଧଶାସ୍ତ୍ର ଅନୁସାରେ ଅହିଂସା ପାଳନର ପ୍ରଥମ ନୀତିଟି ହେଉଛି ହତ୍ୟା ଆଦି ପାପକର୍ମରୁ ନିବୃତ୍ତ । ଅହିଂସା ପାଳନ ଉଭୟ ବୌଦ୍ଧଧର୍ମ ଗ୍ରହଣ କରିଥିବା ବ୍ୟକ୍ତି ଏବଂ ବୌଦ୍ଧଧର୍ମ ଗୁରୁଙ୍କ ପାଇଁ ବାଧ୍ୟତାମୂଳକ । ଅନ୍ୟର ହିଂସା କିମ୍ବା ଅସୂୟାର ଶିକାର ହେଲେ କିପରି ନୀତିବଦ୍ଧ ଭାବରେ ଆତ୍ମସୁରକ୍ଷା କରିବା ସମ୍ଭବ - ଏହା ଗାନ୍ଧିଜୀ ଜଗତକୁ ଶିକ୍ଷା ପ୍ରଦାନ କରିଯାଇଛନ୍ତି । ଆଜିର ଏ କମ୍ପ୍ୟୁଟର ଯୁଗରେ ଯଦି ମଣିଷ ସୁଖ – ଶାନ୍ତିରେ କାଳଯାପନ କରିବାକୁ ଚାହେଁ ତେବେ ହିଂସା ପରିତ୍ୟାଗ କରି ଅହିଂସାର ଜୟଗାନ କରିବା ଉଚିତ ।

ପ୍ରଶ୍ନାବଳୀ -

କ) "ଅହିଂସା ପରମୋ ଧର୍ମ" – ଏହି ଉକ୍ତିଟି କେଉଁ ମନ୍ଦିରର କାନ୍ଥରେ ଲେଖାଯାଇଛି ?

ଖ) ବୌଦ୍ଧଧର୍ମ ଗ୍ରହଣ କରିଥିବା ବ୍ୟକ୍ତି ଏବଂ ବୌଦ୍ଧଧର୍ମ ଗୁରୁଙ୍କ ପାଇଁ କ'ଣ ବାଧ୍ୟତାମୂଳକ ?

ଗ) ହିଂସା ବିରୋଧରେ ନୀତିବଦ୍ଧ ଆତ୍ମସୁରକ୍ଷା କରିବା ସମ୍ଭବ – ଏକଥା କିଏ ଶିଖାଇଛନ୍ତି ?

ଘ) ମନୁଷ୍ୟର ସର୍ବୋଚ୍ଚ ନୈତିକ ଗୁଣଟି କ'ଣ ?

ଙ) 'ହିଂସା' ଶବ୍ଦର ବିପରୀତାର୍ଥବୋଧକ ଶବ୍ଦଟି କ'ଣ ହେବ ଅନୁଚ୍ଛେଦରୁ ଖୋଜି ଲେଖ ।

୨. ନିମ୍ନଲିଖିତ ଅପଠିତ ଗଦ୍ୟ ଅନୁଚ୍ଛେଦଟିକୁ ପଢ଼ି ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ ।

ଚେତା ବା ଚୈତନ୍ୟ କୌଣସି ବାହ୍ୟ ବସ୍ତୁ ନୁହେଁ । ଏହା ମଣିଷ ଭିତରେ ଥାଏ । ଜଗତିକ ପ୍ରଭାବରେ ସମସ୍ତ କାର୍ଯ୍ୟ ନିର୍ବାହ ହେଉଥାଏ। ସେହି କାର୍ଯ୍ୟ ଦ୍ୱାରା ସେମିତି କିଛି ଅସୁବିଧା ନ ହେବା ପର୍ଯ୍ୟନ୍ତ ମଣିଷର ଚୈତନ୍ୟ ଉଦୟ ହୁଏ ନାହିଁ । ଯେଉଁମାନେ ଭାବିଚିନ୍ତି କାର୍ଯ୍ୟ କରନ୍ତି, ସେମାନଙ୍କର ଚୈତନ୍ୟ ଜାଗ୍ରତ ଅବସ୍ଥାରେ ଥାଏ । ଅନ୍ୟମାନଙ୍କର ଚୈତନ୍ୟ ପାଉଁଶ ତଳର ନିଆଁ ଝୁଲ ପରି ଲୁଚି ରହିଥାଏ । ବିଶେଷ ଘଟଣା ବା ଦୁର୍ଘଟଣା ଜନିତ ଝଞ୍ଜାରେ ଉପରର ପାଉଁଶ ଉଡ଼ିଗଲେ ସେହି ଚୈତନ୍ୟ ରୂପୀ ନିଆଁ ଝୁଲ ଆତ୍ମପ୍ରକାଶ କରେ । ଯେଉଁ ଘଟଣା ଘଟି ଯାଇଥାଏ, ତାହା ପାଇଁ ବା ତା'ର ପ୍ରତିକାର ପାଇଁ କିଛି ବ୍ୟବସ୍ଥା ନ ଥାଏ, କିନ୍ତୁ ସେହି ଚେତନା ଟିକକ ଜାଗ୍ରତ ରହିଲେ ଭବିଷ୍ୟତରେ ହେବାକୁ ଥିବା କାର୍ଯ୍ୟ ସୁନ୍ଦର, ମଙ୍ଗଳକର ଓ ଶୃଙ୍ଖଳିତ ହୁଏ ।ଭଗବାନଙ୍କୁ ସଚ୍ଚିଦାନନ୍ଦ କୁହାଯାଏ । ଅର୍ଥାତ ସତ୍ + ଚିତ୍ + ଆନନ୍ଦ । ଭଗବାନ ମନୁଷ୍ୟର ଚେତନା ଦେଇ ଆନନ୍ଦମୟ କାର୍ଯ୍ୟ ସମ୍ପାଦନ କରନ୍ତି । ଚେତନା, ଚୈତନ୍ୟ, ଚେତା, ଚିତ୍ତ ପର୍ଯ୍ୟାୟବାଚୀ ସମସ୍ତ ଶବ୍ଦ ସେହି ଚିତ୍ ଧାତୁରୁ ଗଠିତ ହୋଇଛି । ବେଳେ ବେଳେ କୌଣସି ନା କୌଣସି ସମୟରେ ମନୁଷ୍ୟର ଚେତନା କିଛି ସମୟ ପାଇଁ ଉଭେଇ ଯାଏ । ସେହି ଅବସ୍ଥାକୁ ଆମେ ଚେତନାଶୂନ୍ୟ କହୁ । ସେହି ଚେତାଶୂନ୍ୟ ଅବସ୍ଥାରେ ମଣିଷର ପଞ୍ଚମହାଭୂତର ଶରୀରଟି ପଡ଼ିଥାଏ । ପୁଣି ଚେତା ଫେରି ଆସେ । ହିଂସା, ଦ୍ୱେଷ, ମୋହ, ଲୋଭ, ମଦ, ମାତ୍ସର୍ଯ୍ୟ ଆଦିର ବଶବର୍ତ୍ତୀ ହେଲେ ମଣିଷର ଚୈତନ୍ୟ ତା' ଭିତରେ ଲୁଚିଯାଏ । ଫଳରେ ମନୁଷ୍ୟ ଏପରି କାର୍ଯ୍ୟ କରେ ଯାହା ସମାଜର ଆନନ୍ଦ ବଢ଼ାଇବା ପରିବର୍ତ୍ତେ ଦୁଃଖ ବଢ଼ାଏ । ଚୈତନ୍ୟ ପାଇଁ ସଂଯମ ଦରକାର । ସଂଯମୀ ଲୋକର ହୃଦୟରେ ଦୟା, କ୍ଷମା, ସତ୍ୟ, ଶାନ୍ତି ଆଦି ଜାଗ୍ରତ ହୁଏ ।

ପ୍ରଶ୍ନାବଳୀ -

କ) ଚୈତନ୍ୟ କେଉଁଠାରେ ଥାଏ ?

ଖ) ଭାବିଚିନ୍ତି କାର୍ଯ୍ୟ କରିବା ଲୋକର ଚୈତନ୍ୟ କେଉଁ ଅବସ୍ଥାରେ ଥାଏ ?

ଗ) ଭଗବାନ କେଉଁ କାର୍ଯ୍ୟ ସମ୍ପାଦନ କରିଥାନ୍ତି ?

ଘ) 'ସତ୍' କହିଲେ ଆମେ କ'ଣ ବୁଝିବା ?

ଙ) 'ଚୈତନ୍ୟ' ଶବ୍ଦର ଆଉ ଗୋଟିଏ ପର୍ଯ୍ୟାୟବାଚୀ ଶବ୍ଦ ଅନୁଚ୍ଛେଦରୁ ଖୋଜି ଲେଖ ।

୩. ନିମ୍ନଲିଖିତ ଅପଠିତ ଗଦ୍ୟ ଅନୁଚ୍ଛେଦଟିକୁ ପଢ଼ି ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ ।

ବିଧାନସଭା, ବିଧାନ ପରିଷଦ, ଲୋକସଭା ଓ ରାଜ୍ୟସଭା ଇତ୍ୟାଦିକୁ ଗଣତନ୍ତ୍ରର ମନ୍ଦିର ବୋଲି କୁହାଯାଏ । ରାଜ୍ୟ ଓ ଦେଶ ପାଇଁ ଆଇନ ପ୍ରଣୟନ କରିବା, ରାଜ୍ୟର ଓ ଦେଶର ବିଭିନ୍ନ ନିର୍ବାଚନ ମଣ୍ଡଳୀର ଅଭାବ ଅସୁବିଧା ସମ୍ପର୍କରେ ଆଲୋଚନା କରି ଲୋକମାନଙ୍କର ଅଭାବ ଓ କଷଣ ଦୂର କରିବା, ବିଭିନ୍ନ ବିଭାଗର ବିଧେୟକଗୁଡ଼ିକୁ ଆଲୋଚନା କରିବା, ବର୍ଷର ଆୟବ୍ୟୟ ଅଟକଳକୁ ମଞ୍ଜୁରୀ ଦେବା ପ୍ରଭୃତି ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଏହି ଗଣତନ୍ତ୍ରର ମନ୍ଦିରମାନଙ୍କର । ବିଭିନ୍ନ ନିର୍ବାଚନ ମଣ୍ଡଳୀରୁ ମତାଧିକ ଭୋଟ ପାଇ ଆସିଥିବା ପ୍ରତିନିଧିମାନେ ନିର୍ବାଚନ ମଣ୍ଡଳୀର ଆଦର୍ଶ ବ୍ୟକ୍ତି । ଲୋକମାନଙ୍କ ଦ୍ୱାରା ନିର୍ବାଚିତ ହୋଇଥିବାରୁ ସେମାନେ ଲୋକମାନଙ୍କ ନିକଟରେ ଉତ୍ତରଦାୟୀ । ବିଧାନସଭା ଓ ପାର୍ଲିଆମେଣ୍ଟ ବସିବା ପାଇଁ ରାଜକୋଷରୁ ଯଥେଷ୍ଟ ଅର୍ଥ ବ୍ୟୟ କରାଯାଏ । ପ୍ରତିନିଧି ଓ ମନ୍ତ୍ରୀମାନଙ୍କ ପାଇଁ ଅନେକ ସୁବିଧା ମଧ୍ୟ ପ୍ରଦାନ କରାଯାଇଛି । କିନ୍ତୁ ବାସ୍ତବରେ କ'ଣ ଘଟୁଛି ? ସୂଚନା ଅଧିକାର ଆଇନ୍ ବଳରେ ଲୋକମାନେ ବିଧାନସଭା ଓ ପାର୍ଲିଆମେଣ୍ଟର ଚିତ୍ର ଦୂରଦର୍ଶନରେ ଦେଖିପାରୁଛନ୍ତି ଓ ମୁଦ୍ରଣ ଗଣମାଧ୍ୟମରେ ପଢ଼ି ଜାଣିପାରୁଛନ୍ତି । ସରକାରୀ ଓ ବିରୋଧୀ ଦଳର ଆକ୍ଷେପ ଓ ପ୍ରତିଆକ୍ଷେପ ଭାଷାରେ ସୀମିତ ନ ରହି ହାତାହାତି ପର୍ଯ୍ୟନ୍ତ ଯାଉଛି । ବେଳେବେଳେ ଲଙ୍କାକାଣ୍ଡ ସୃଷ୍ଟି ହେଉଛି । ଦେଶର ଧନ ସମ୍ପଦ ନଷ୍ଟ ହେଉଛି । କେତେକ ସଭ୍ୟଙ୍କ ପ୍ରତି ଯେଉଁ ଅଶାଳୀନ ବ୍ୟବହାର ପ୍ରଦର୍ଶନ କରାଯାଉଛି ତାହା ଉଦବେଗର ବିଷୟ । ଗୋଟିଏ ମିନିଟ୍ ସଭାକାର୍ଯ୍ୟ ପରିଚାଳନା ପାଇଁ ଆମରି ଝାଳବୁହା ଧନର ରାଜକୋଷରୁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହୁଏ । ମୋଟ ଅଧିବେଶନ କାଳରେ ଯେତେ ସବୁ ଖର୍ଚ୍ଚ ହୁଏ, ଯାହା କାର୍ଯ୍ୟ ହୁଏ, ବିନା ଆଲୋଚନାରେ ବିଧେୟକ ପାରିତ ହୁଏ । ଏହା ଗଣତନ୍ତ୍ର ପ୍ରତି ବିପଦ । ଜନସାଧାରଣ ସବୁ ଦୃଷ୍ଟିରୁ ବିଚାର କରି ଉପଯୁକ୍ତ ପ୍ରତିନିଧି ବାଛିଲେ ଗଣତନ୍ତ୍ର ସଫଳ ହେବ ।

ପ୍ରଶ୍ନାବଳୀ -

କ) ଦେଶ ପାଇଁ ଆଇନ୍ ପ୍ରଣୟନ କରିବା କାହାର କାର୍ଯ୍ୟ ?

ଖ) ବିଧାନସଭା ଓ ପାର୍ଲିଆମେଣ୍ଟ ବସିବା ପାଇଁ ଅର୍ଥ କେଉଁଠୁ ବ୍ୟୟ ହୁଏ ?

ଗ) ପାର୍ଲିଆମେଣ୍ଟ ବା ବିଧାନସଭାରେ ବିଶୃଙ୍ଖଳା ନ ହେବା ପାଇଁ ମୁଖ୍ୟତଃ ଦାୟୀ କିଏ ?

ଘ) କେଉଁ ଆଇନ୍ ବଳରେ ଲୋକମାନେ ବିଧାନସଭା ଓ ଲୋକସଭା ବିଷୟରେ ଜାଣି ପାରୁଛନ୍ତି ?

ଙ) 'ଧନସମ୍ପଦ' ପରି ଆଉ ଗୋଟିଏ ଯୋଡ଼ାଶବ୍ଦ ଅନୁଚ୍ଛେଦରୁ ଖୋଜି ଲେଖ ।

୪. ନିମ୍ନଲିଖିତ ଅପଠିତ ଗଦ୍ୟ ଅନୁଚ୍ଛେଦଟିକୁ ପଢ଼ି ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ ।

ଅନେକ ଦିନ ହେଲା ବାତ୍ୟା ଓ ବନ୍ୟା ଓଡ଼ିଶା ଲୋକଙ୍କର ଚିର ସହଚର ହୋଇଆସିଛି । କେଉଁ ବର୍ଷ ବାତ୍ୟା ତ କେଉଁ ବର୍ଷ ବନ୍ୟା, ଆଉ କେଉଁ ବର୍ଷ ଉଭୟ । ଏହା ଫଳରେ ଓଡ଼ିଶାର ଆର୍ଥିକ ମେରୁଦଣ୍ଡ ଭାଙ୍ଗିପଡ଼ିଛି । ବାତ୍ୟାରେ ରାଜ୍ୟର ଧନଜୀବନ କ୍ଷୟ ସାଙ୍ଗକୁ ଗଛପତ୍ର ନଷ୍ଟ ହୋଇଯାଏ । ବନ୍ୟାରେ ଧନଜୀବନ କ୍ଷୟ ସହିତ ଫସଲ ନଷ୍ଟ ହୁଏ । ଏସବୁ ବିପଦ କ୍ରମାଗତ କେତେ ବର୍ଷ ହେଲାଣି ପ୍ରାୟ ୧୯୯୯ ମହାବାତ୍ୟା ଠାରୁ ଲାଗିରହିଛି । ବାତ୍ୟା ଓ ବନ୍ୟା ସାଙ୍ଗକୁ ଆସିଯାଇଛି ମରୁଡ଼ି । ଠିକ୍ ସମୟରେ ଓ ଆବଶ୍ୟକ ପରିମାଣରେ ବୃଷ୍ଟି ନ ହେବା ଫଳରେ ଫସଲ ନଷ୍ଟ ହୋଇଛି । ଚାଷୀକୁଳର ଭାଳେଣି । ଧାନ ଉଦ୍ଧାର କରି ଫସଲ ଆରମ୍ଭ କରିଥିବା ଚାଷୀ ତା'ର ଜମିର ଶୁଖିଲା ଧାନଗଛକୁ ଦେଖି, ଆଁକରି ଫାଟିଥିବା ଜମିକୁ ଦେଖି ତା' ହୋସ୍ ଉଡ଼ିଯାଉଛି । ପିଲାକୁଟୁମ୍ବ କିପରି ଚଳିବେ, ଋଣ କିପରି ଶୁଝାଯିବ ଚାଷୀ ଚିନ୍ତାକରି ଶେଷରେ ଆତ୍ମହତ୍ୟା କରୁଛି । ଅବଶ୍ୟ ଆତ୍ମହତ୍ୟା ଏହି ପ୍ରାକୃତିକ ବିପଦର ନିରାକରଣ ନୁହେଁ । ବିପଦକୁ ସାମନା କରିବାକୁ ହେବ, ପରିବାରର ଅନ୍ୟମାନଙ୍କ ଭୋକିଲା ପେଟକୁ ଦାନା, ପିଠିକି କନା ଯୋଗାଇବାକୁ ପଡ଼ିବ । ଆତ୍ମହତ୍ୟା କଲେ ଜଣକର ଜୀବନ ନଷ୍ଟ ହୋଇଯାଏ, ଅଥଚ ପରିବାରର ଅନ୍ୟମାନେ ବିପଦର ଅନ୍ଧାର ଆଡ଼କୁ ଠେଲି ହୋଇଯାନ୍ତି । ସରକାର ଏହି ସମୟରେ ଏକମାତ୍ର ସାହା । ଚାଷୀକୁ ରକ୍ଷା କରିବା ପାଇଁ, ଚାଷର ଉନ୍ନତି କରିବା ପାଇଁ ସରକାର ସ୍ୱଳ୍ପମିଆଦି ଯୋଜନାରେ ଖାଦ୍ୟଶସ୍ୟ ଅଳ୍ପ ମୂଲ୍ୟରେ ବା ବିନା ମୂଲ୍ୟରେ ଯୋଗାଇ ଲୋକଙ୍କର ପ୍ରାଣରକ୍ଷା କରିବେ । ଦୀର୍ଘମିଆଦି ଯୋଜନାରେ ଜଳସେଚନର ବ୍ୟବସ୍ଥା କରିବେ, ବାତ୍ୟା ପ୍ରଶମନ ପାଇଁ ସମୁଦ୍ରକୂଳରେ ତଥା ଦେଶଭିତରେ ବନୀକରଣ ଯୋଜନା କରିବେ, ବନ୍ୟା ପାଇଁ ନଦୀବନ୍ଧ ଯୋଜନା, ଚେକଡ୍ୟାମ, ବାତ୍ୟା, ବନ୍ୟାର ପୂର୍ବ ସୂଚନା ପ୍ରଦାନ, ବାତ୍ୟା, ବନ୍ୟା ଆଶ୍ରୟସ୍ଥଳୀ ନିର୍ମାଣ ଆଦି କରି ଦେଶର ବିକାଶ କାର୍ଯ୍ୟକୁ ତ୍ୱରାନ୍ୱିତ କରିବେ ।

ପ୍ରଶ୍ନାବଳୀ –

କ) ଚାଷୀ ଆତ୍ମହତ୍ୟା କରୁଛି କାହିଁକି ?

ଖ) ଓଡ଼ିଶାବାସୀଙ୍କର ଚିର ସହଚର କିଏ ?

ଗ) ସରକାର କେଉଁ ଯୋଜନା ହାତକୁ ନେବେ ?

ଘ) କେଉଁମାନେ ବିପଦ ଆଡକୁ ଠେଲି ହୋଇଯାନ୍ତି ?

ଙ) 'ବୃଦ୍ଧି ' ଶବ୍ଦର ବିପରୀତାର୍ଥବୋଧକ ଶବ୍ଦଟି କ'ଣ ହେବ ଅନୁଚ୍ଛେଦରୁ ଖୋଜି ଲେଖ ।

୫. ନିମ୍ନଲିଖିତ ଅପଠିତ ଗଦ୍ୟ ଅନୁଚ୍ଛେଦଟିକୁ ପଢ଼ି ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ ।

ସ୍ୱାଧୀନତା ପରବର୍ତ୍ତୀ ସମୟ ଠାରୁ ଆଜି ପର୍ଯ୍ୟନ୍ତ ସମୟକୁ ଓଡ଼ିଆ ସାହିତ୍ୟର ଇତିହାସରେ ସମସାମୟିକ ସମୟ ବା ଅତ୍ୟାଧୁନିକ ଯୁଗ ନାମରେ ନାମିତ । କେବଳ ଅତ୍ୟାଧୁନିକ ଯୁଗ ନ କହି ସମସାମୟିକତା ଏଭଳି ନାମକରଣର କାରଣ ଯେ ଆଜିର ପ୍ରତିଷ୍ଠିତ କବି ଓ ଲେଖକମାନେ ଆରମ୍ଭ କରିଥିଲେ, ତେଣୁ ଆଜିର ଲେଖକମାନଙ୍କର ସାହିତ୍ୟ ସାଧନାରେ ଓଡ଼ିଆ ସାହିତ୍ୟର ସମସାମୟିକ କାଳ ଯେପରି ରୁଚିବନ୍ତ ଭାବରେ ପରିପୁଷ୍ଟ ହୋଇଛି, ତାହାର ଐତିହାସିକ ଆଲୋଚନା ହିଁ ଅତ୍ୟାଧୁନିକ ଯୁଗ ସମ୍ପର୍କରେ ପ୍ରଦାନ କରାଯାଉଛି । ଆଧୁନିକତା ଯଥାର୍ଥରେ ଆଧୁନିକ କାଳର ସଚେତନତା । ଏହା ଏକ ମତବାଦ ନୁହେଁ, ଏହା ଏକ ଚିନ୍ତାର ସ୍ରୋତ । ସମସାମୟିକ କାଳରେ ରଚିତ ସାହିତ୍ୟରେ ଏକ ନୂତନ ଚିନ୍ତାର ସ୍ରୋତ ପ୍ରବାହିତ ହୋଇ ଏକ ନୂତନ ଶିଳ୍ପସୌନ୍ଦର୍ଯ୍ୟ ସୃଷ୍ଟି କରିବାରେ ସମର୍ଥ ହୋଇଅଛି । ଯେକୌଣସି ଦେଶର ସାହିତ୍ୟରେ ଆଧୁନିକତାର ଅର୍ଥ ସାର୍ବଜନୀନ ଜୀବନଧାରାର ବିରୋଧାଚରଣ କିମ୍ବା ବ୍ୟତିକ୍ରମ ନୁହେଁ । ଏହା ଏକ ନୂତନ ମୂଲ୍ୟାୟନ । ସ୍ୱାଧୀନତା ପରବର୍ତ୍ତୀ ସମୟରେ ଗାନ୍ଧିଜୀଙ୍କ ପ୍ରଚାରିତ ମାନବିକତା ସତ୍ୟ ଓ ଅହିଂସାଦି ସରଳତମ ମୂଲ୍ୟବୋଧଗୁଡ଼ିକ ନାନା କାରଣରୁ ଭାରତୀୟ ଜନତା ମଧ୍ୟରେ ଆଦୃତ ଓ ଆଚରିତ ହୋଇପାରିଲା ନାହିଁ । ସେଥିସହିତ ମାର୍କସବାଦ ଭଳି କେତେକ ବିଦେଶୀୟ ଚିନ୍ତାଧାରା ଭାରତୀୟ ଜନଗଣର ଚେତନାକୁ ଉଦବୁଦ୍ଧ କଲା । ଶିକ୍ଷାର ପ୍ରସାର ସଙ୍ଗେ ସଙ୍ଗେ ଆଧୁନିକ ବିଶ୍ୱ-ସାହିତ୍ୟ ସହିତ ଭାରତୀୟ ଲୋକଙ୍କର ମାନସିକ ସଂଯୋଗ ସାଧିତ ହେଲା । ସ୍ୱାଧୀନତା ପ୍ରାପ୍ତି ପୂର୍ବରୁ ଲୋକେ ଯାହା ଆଶା କରିଥିଲେ, ସ୍ୱାଧୀନତା ପ୍ରାପ୍ତି ପରେ ଲୋକଙ୍କର ସେହି ଆଶା ରହିଲା ନାହିଁ । ସାହିତ୍ୟ ରୂପ ବଦଳିଲା ।

ପ୍ରଶ୍ନାବଳୀ –

କ) ଆଧୁନିକତାର ଅର୍ଥ କ'ଣ ?

ଖ) ଅତ୍ୟାଧୁନିକ ଯୁଗ ସାହିତ୍ୟରେ କାହାକୁ କୁହାଯାଏ ?

ଗ) ସ୍ୱାଧୀନତା ପ୍ରାପ୍ତି ପରେ ଆମର କେଉଁ ଆଶା ଲୋପ ପାଇଲା ?

ଘ) ସ୍ୱାଧୀନତା ପ୍ରାପ୍ତି ପୂର୍ବରୁ ଗାନ୍ଧିଜୀଙ୍କ ବାର୍ତ୍ତା ଯାହା ଥିଲା ପରେ ତାହା ଲୋପ ପାଇଲା କିପରି ?

ଙ) 'ପରାଧୀନତା' ଶବ୍ଦର ବିପରୀତାର୍ଥବୋଧକ ଶବ୍ଦଟି କ'ଣ ହେବ ଅନୁଚ୍ଛେଦରୁ ଖୋଜି ଲେଖ ।

## ଅନୁଚ୍ଛେଦ

(ପ୍ରତ୍ୟେକ ପ୍ରଶ୍ନ ୫ଅଙ୍କ ବହନ କରେ ।)

i) ବ୍ୟାୟାମର ଉପକାରିତା

ii) ଉତ୍କଳ ଦିବସ

iii) ପରୋପକାର

iv) ବନୀକରଣ

v) ମାନବ ସେବାରେ ବିଜ୍ଞାନ

## ବ୍ୟାକରଣ

( ପ୍ରତ୍ୟେକ ପ୍ରଶ୍ନ ଏକ ଅଙ୍କ ଲେଖାଏଁ ବହନ କରେ )

୧ . ନିର୍ଦ୍ଦେଶ ଅନୁଯାୟୀ ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ ।

କ) ଓଡ଼ିଆ ଭାଷାରେ ବର୍ଣ୍ଣ ସଂଖ୍ୟା କେତେ ?

ଖ) ଓଡ଼ିଆ ଭାଷାରେ ସ୍ୱରବର୍ଣ୍ଣ କେତୋଟି ?

ଗ) ବ୍ୟଞ୍ଜନ ବର୍ଣ୍ଣ କେତୋଟି ?

ଘ) ବ୍ୟଞ୍ଜନ ବର୍ଣ୍ଣକୁ କେତେ ଭାଗରେ ବିଭକ୍ତ କରାଯାଇଛି ?

ଙ) ବର୍ଗ୍ୟ ବ୍ୟଞ୍ଜନ କେତୋଟି ?

ଚ) ଅବର୍ଗ୍ୟ ବ୍ୟଞ୍ଜନ କେତୋଟି ?

ଛ) କଣ୍ଠ୍ୟ ବର୍ଗର ଅକ୍ଷର ସଂଖ୍ୟା କେତେ ଓ କ'ଣ କ'ଣ ?

ଜ) ତାଲବ୍ୟ ବର୍ଗର ଅକ୍ଷର ସଂଖ୍ୟା କେତେ ଓ କ'ଣ କ'ଣ ?

ଝ) ମୂର୍ଦ୍ଧନ୍ୟ ବର୍ଗର ଅକ୍ଷର ସଂଖ୍ୟା କେତେ ଓ କ'ଣ କ'ଣ ?

ଞ) ଦନ୍ତ୍ୟ ବର୍ଗର ଅକ୍ଷର ସଂଖ୍ୟା କେତେ ଓ କ'ଣ କ'ଣ ?

ଟ) ଓଷ୍ଠ୍ୟ ବର୍ଗର ଅକ୍ଷର ସଂଖ୍ୟା କେତେ ଓ କ'ଣ କ'ଣ ?

୨ . ନିମ୍ନଲିଖିତ ଶବ୍ଦଗୁଡ଼ିକର ଲିଙ୍ଗ ପରିବର୍ତ୍ତନ କରି ଲେଖ ।

ବୁଢ଼ା, ଭାଇ , ବାଘ, ହରିଣ, ସିଂହ, ବାପା, ନାରୀ, ଭଦ୍ର, ଗାୟକ, ଶିବ, ପାଟରା, ଗଉଡୁଣୀ, ବଗ, ହଂସ, ଆଚାର୍ଯ୍ୟ, ଶୂଦ୍ର, ଶିକ୍ଷୟିତ୍ରୀ, କ୍ଷତ୍ରିୟ, ମାଷ୍ଟର, ସାହେବ

୩ . ନିର୍ଦ୍ଦେଶ ଅନୁଯାୟୀ ନିମ୍ନଲିଖିତ ଶବ୍ଦଗୁଡ଼ିକର ଉତ୍ତର ଦିଅ ।

କ) ଲିଙ୍ଗ କେତେ ପ୍ରକାରର ଓ କ'ଣ କ'ଣ ?

ଖ) ବଚନ କେତେ ପ୍ରକାରର ଓ କ'ଣ କ'ଣ ?

ଗ) ପୁରୁଷ କେତେ ପ୍ରକାରର ଓ କ'ଣ କ'ଣ ?

୪ . ରେଖାଙ୍କିତ ପଦଗୁଡ଼ିକର ବଚନ ଚିହ୍ନାଅ ।

କ) <u>ଗାଈ</u> ଚରୁଛି ।

ଖ) <u>ହଂସ</u> ପହଁରୁଛି ।

ଗ) <u>ଗଛଗୁଡ଼ିକ</u> ଲଗାଗଲା ।

ଘ) <u>ପିଲାମାନେ</u> ଖେଳିବାକୁ ଗଲେ ।

ଙ) <u>ଲୋକେ</u> ଠିକ୍ ନେତା ବାଛିବେ ।

ଚ) <u>ଶିଶୁ</u> ନିଷ୍ପାପ ।

ଛ) <u>ପିଲା</u> ଠାକୁର ।

ଜ) <u>ମଣିଷ</u> ସ୍ନେହଶୀଳ ।

ଝ) <u>ଦେଶଦେଶ</u> ଭିତରେ ସାଂସ୍କୃତିକ ସମ୍ବନ୍ଧ ବଢୁଛି ।

ଞ) <u>ଛାତ୍ରଛାତ୍ରୀଙ୍କ</u> ମଧ୍ୟରେ ତର୍କ ପ୍ରତିଯୋଗିତା ହେଲା ।

୫ . ରେଖାଙ୍କିତ ପଦଗୁଡ଼ିକର ପୁରୁଷ ଚିହ୍ନାଅ ।

କ) <u>ଆମ୍ଭେ</u> ଖାଇବା ।

ଖ) <u>ମୁଁ</u> ସ୍କୁଲ ଯିବି ।

ଗ) <u>ସେମାନେ</u> ସଭାକୁ ଯାଇଥିଲେ ।

ଘ) <u>ଆପଣମାନେ</u> ଭଦ୍ରଲୋକ ।

ଙ) <u>ତୁମେମାନେ</u> ବ୍ୟାକରଣ ପଢ଼ ।

୬ . ନିମ୍ନଲିଖିତ ଶବ୍ଦଗୁଡ଼ିକୁ ତଦ୍ଭବ ଶବ୍ଦରେ ପରିଣତ କର ।

ଘୃତ, ନଗର, ଭଗିନୀ, ଶୃଗାଳ, ପୁତ୍ର , ମାତା, ମୃତ୍ତିକା

## <u>ବିଷୟ : ବୃକ୍ଷ ମାହାତ୍ମ୍ୟ</u>

୧) ପ୍ରତ୍ୟେକ ପ୍ରଶ୍ନ ତଳେ ଦିଆଯାଇଥିବା ଉତ୍ତରମାନଙ୍କ ମଧ୍ୟରୁ ଠିକ୍ ଉତ୍ତରଟି ବାଛି ଲେଖ |

(ପ୍ରତ୍ୟେକ ପ୍ରଶ୍ନ ୧ଅଙ୍କ ବହନ କରେ |)

କ) ଓଡ଼ିଆ ଭାଗବତର ରଚୟିତା କିଏ ?

i)ମହର୍ଷି ବାଲ୍ମୀକି ii)ଜଗନ୍ନାଥ ଦାସ

iii) ବୈଷ୍ଣବ ପାଣି iv)ଅନ୍ନପୂର୍ଣ୍ଣା ମହାରଣା

ଖ) ଓଡ଼ିଆ ଭାଗବତର କେଉଁ ସ୍କନ୍ଧରୁ ' ବୃକ୍ଷ ମାହାତ୍ମ୍ୟ' ବିଷୟଟି ଆସିଛି ?

i) ଦଶମ ii) ଏକାଦଶ

iii) ବିଂଶ iv) ତ୍ରୟୋବିଂଶ

ଗ) ଏହି କବିତାରେ କାହାକୁ ସୁଜନ ସହିତ ତୁଳନା କରାଯାଇଛି ?

i)ବୃକ୍ଷ ii) ମତ୍ସ୍ୟ

iii) ବିହଙ୍ଗ iv) ଗୋମତା

ଘ)ଗୋରୁ ଗୋପାଳଙ୍କ ସହିତ ଶ୍ରୀକୃଷ୍ଣ କେଉଁ ନଦୀ କୂଳରେ ବସିଥିଲେ ?

i) ସରସ୍ୱତୀ ii)ଗଙ୍ଗା

iii) ଯମୁନା iv) ଗୋଦାବରୀ

ଙ) ସେ ରାମକୃଷ୍ଣର ଅଗ୍ରତ __ଏଠାରେ 'ରାମ' ବୋଲି କାହାକୁ କୁହାଯାଇଛି ?

i) ବଳରାମ ii)ଶ୍ରୀରାମ

iii) ଶ୍ରୀକୃଷ୍ଣ iv) ଲକ୍ଷ୍ମଣ

ଚ) 'କନ୍ୟାଏ ଗଲେ ତୋଷ ହୋଇ' _ ଏଠାରେ 'କନ୍ୟାଏ' କହିଲେ କାହାକୁ ବୁଝାଉଛି ?

i) ଗୋପାବାଳାମାନେ ii)ଗୋପବାଳକ ମାନେ

iii)ଗୋପପୁରବାସୀ iv) ମାତା ଯଶୋଦା

ଛ) କାହା ଘରକୁ ଗଲେ ଅତିଥି ନିରାଶ ହୋଇ ଫେରନ୍ତି ନାହିଁ ?

i) ବିଜନ ii)ସୁଜନ

iii) କୁଜନ iv)କୂଜନ

ଜ) କିଏ ଶ୍ରୀରାମଙ୍କର ଜଣେ ସଖା ନୁହଁନ୍ତି ?

i) ପ୍ରାଂଶୁ ii)ବିଶାଳ

iii) ଦେବପ୍ରସ୍ଥ iv) ଅଂଶୁ

ଝ) କେଉଁମାନଙ୍କ ଆଗରେ ଶ୍ରୀ କୃଷ୍ଣ ବୃକ୍ଷର ମହିମା କଥା କହୁଥିଲେ ?

i) ଗୋପବାଳା ii)ଗୋପବାଳକ

iii) ଗୋପୀ iv)ରାଧା

ଞ) 'ଘର୍ମ' ଅର୍ଥ _

i)ଲାଳ ii)ଝାଳ

ii)କାଳ iv)ଚମଡ଼ା

୨) ଦୁଇ ବା ତିନୋଟି ଧାଡ଼ିରେ ନିମ୍ନ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ ।

(ପ୍ରତ୍ୟେକ ପ୍ରଶ୍ନ ୨ଅଙ୍କ ବହନ କରେ ।)

(କ) ଓଡ଼ିଆ ଭାଗବତର ରଚୟିତା କିଏ ?

(ଖ) କବି ଜଗନ୍ନାଥ ଦାସ କେଉଁ ଶତାବ୍ଦୀରେ ଜନ୍ମ ଗ୍ରହଣ କରିଥିଲେ ?

(ଗ) ଓଡ଼ିଆ ଭାଗବତର ଦଶମ ସ୍କନ୍ଧର କେଉଁ ଅଧ୍ୟାୟରୁ 'ବୃକ୍ଷ ମାହାତ୍ମ୍ୟ' କବିତାଟି ଅଣାଯାଇଛି ?

(ଘ) କେଉଁମାନଙ୍କ ଆଗରେ ଶ୍ରୀକୃଷ୍ଣ ବୃକ୍ଷର ମହିମା କଥା କହୁଥିଲେ ?

(ଙ) ଯମୁନା ବିଷୟରେ କବିତାରେ କ'ଣ କୁହାଯାଇଛି ?

(ଚ) 'ବୃକ୍ଷ ମାହାତ୍ମ୍ୟ' କବିତାର କବି କିଏ ?

(ଛ) 'କନ୍ୟାଏ ଗଲେ ତୋଷ ହୋଇ' – କେଉଁମାନଙ୍କୁ ଏଠାରେ କନ୍ୟାଏ ବୋଲି କୁହାଯାଇଛି ?

(ଜ) ଦାମୋଦର କିଏ ?

(ଝ)ତାଙ୍କର ନାମ 'ଦାମୋଦର' ହୋଇଛି କାହିଁକି ?

(ଞ) ବୃକ୍ଷମାନେ ପରର ଉପକାର କିପରି କରନ୍ତି ?

(ଟ) 'ପୋଏ ହୋଇଲେ ଦୁଃଖ ଭାଗୀ' - କେଉଁମାନେ ଦୁଃଖ ଅନୁଭବ କରୁଥିଲେ ?

(ଠ) ସେମାନେ ଦୁଃଖ ଅନୁଭବ କରୁଥିଲେ କାହିଁକି ?

(ଡ) ଷ୍ଟୋକ କୃଷ୍ଣ କିଏ ?

(ଢ) ଇହଲୋକ ଓ ପରଲୋକରେ କେଉଁମାନଙ୍କ ଜୀବନ ଧନ୍ୟ ହୁଏ ବୋଲି କବି କହିଛନ୍ତି ?

(ଣ) ଶ୍ରୀକୃଷ୍ଣ କେଉଁ ବିଷୟରେ ବର୍ଣ୍ଣନା କରୁଥିଲେ ?

(ତ) ବୃକ୍ଷକୁ ସୁଜନ ବା ଭଲମଣିଷଙ୍କ ସହିତ ତୁଳନା କରାଯାଇଛି କାହିଁକି ?

(ଥ) ଧନ୍ୟ ଜୀବନ ଏହାଙ୍କର - ଏଠାରେ କେଉଁମାନଙ୍କ ଜୀବନ ବିଷୟରେ କୁହାଯାଇଛି ?

(ଦ) 'ଜୀବିକା ହୋନ୍ତି ପ୍ରାଣୀଙ୍କର' – ଏହି ଧାଡ଼ିରୁ ବୃକ୍ଷ ସଂପର୍କରେ ତୁମେ କ'ଣ ଜାଣିବାକୁ ପାଉଛ ?

(ଧ) କେଉଁ ସ୍ଥାନକୁ ଗଲେ ଅତିଥିଙ୍କୁ ନିରାଶ ହେବାକୁ ପଡ଼େନା ?

(ନ) କବିତାର ନାମ 'ବୃକ୍ଷ ମାହାତ୍ମ୍ୟ ରଖାଯିବାର କାରଣ କ'ଣ ?

୩) ସପ୍ରସଙ୍ଗ ସରଳାର୍ଥ ଲେଖ : (ପ୍ରତ୍ୟେକ ପ୍ରଶ୍ନ ୫ଅଙ୍କ ବହନ କରେ ।)

କ) ଏହାଙ୍କ ପ୍ରାୟେ ଯେବେ ହୋଇ
ସଂସାର ମଧ୍ୟ ଦେହ ବହି ।

ଖ) ମନ ବଚନ ଧନେ କରି
ଯେ ହୋଏ ପର ଉପକାରୀ
ଦିନ ହରନ୍ତି ଦୁଃଖେ ସୁଖେ
ସେ ଧନ୍ୟ ଇହପର ଲୋକେ ।

ଗ) ଧନ୍ୟ ଜୀବନ ଏହାଙ୍କର
ଜୀବିକା ହୋନ୍ତି ପ୍ରାଣୀଙ୍କର ।

## ବିଷୟ : ରୋଗୀସେବା

୧ . ନିମ୍ନଲିଖିତ ପ୍ରଶ୍ନଗୁଡ଼ିକୁ ପଢ଼ି ସମ୍ଭାବ୍ୟ ଉତ୍ତର ମଧ୍ୟରୁ ଠିକ୍ ଉତ୍ତରଟିକୁ ବାଛି ଲେଖ ।

କ) 'ରୋଗୀସେବା' ବିଷୟର ଲେଖକ କିଏ ?

i) ଶତ୍ରୁଘ୍ନ ନାଥ ii) ଉଦୟନାଥ ଷଡ଼ଙ୍ଗୀ iii) ବୈଦ୍ୟନାଥ ମିଶ୍ର iv) ଶରତ କୁମାର ମହାନ୍ତି

ଖ) ଉଦୟନାଥ ଷଡ଼ଙ୍ଗୀଙ୍କ ଅନୁବାଦ ଉପନ୍ୟାସର ନାମ କ'ଣ ?

i) ଚକା ଚକା ଭଉଁରୀ ii) ବିଲୁଆ ନନାର ବାହାଘର iii) ଆମ ଗ୍ରହ ଉପଗ୍ରହ iv) ଟମକକାଙ୍କ କୁଟୀର

ଗ) କଟା ଘାଆରେ କ'ଣ ବାନ୍ଧିଲେ ଭଲ ହୁଏ ?

i) ତୁଳସୀ ପତ୍ର ii) ବେଲ ପତ୍ର iii) ନିମ୍ବ ପତ୍ର iv) କଅଁଳ ଦୂବଘାସ

ଘ) ବୈଦ୍ୟ ପିଲାଙ୍କର କେଉଁଠି ଚଡ଼ୁ ଦିଅନ୍ତି ?

i) ପେଟରେ ii) ପିଠିରେ iii) ପିଠି ପାଖ ବେକରେ iv) ମୁଣ୍ଡରେ

ଙ ) ଲେଖକ କେଉଁଠି ଚାକିରି କରୁଥିଲେ ?

i) ଦତ୍ତ ପ୍ରେସରେ ii) ଅଫିସରେ iii) ବ୍ୟାଙ୍କରେ iv) ବହି ଦୋକାନରେ

ଚ) ପଠିତ ପ୍ରବନ୍ଧରେ ଆଚାର୍ଯ୍ୟ ମହାଶୟ କାହାକୁ କୁହାଯାଇଛି ?

i) ହରିହର ଦାସ ii) ଗୋପବନ୍ଧୁ ଦାସ iii) ମଧୁସୂଦନ ଦାସ iv) ଗୋଦାବରୀଶ ମିଶ୍ର

ଛ) ଲେଖକଙ୍କ ବାପା କେତେ ବର୍ଷ ବୟସରେ ପ୍ରାଣତ୍ୟାଗ କଲେ ?

i) ୭୩ ବର୍ଷରେ ii) ୭୨ ବର୍ଷରେ iii) ୭୦ ବର୍ଷରେ iv) ୭୫ ବର୍ଷରେ

ଜ) ଆଚାର୍ଯ୍ୟ ମହାଶୟ କେଉଁ ପାଣିରେ କାଛୁକୁ ସଫା କରିଦେଉଥିଲେ ?

i) ଗରମ ପାଣି ii) ନିମ୍ବପତ୍ର ସିଝାପାଣି iii) ସାବୁନ ପାଣି iv) ଡେଟଲ୍ ପାଣି

ଞ) ରୋଗୀସେବା ପରେ ଆଶ୍ରମ ଭିତରକୁ ଯିବା ପୂର୍ବରୁ ଲେଖକ କେଉଁ ପାଣିରେ ଗୋଡ଼ହାତ ଧୋଉଥିଲେ ?

i) ଗରମ ପାଣି ii) ସାବୁନ ପାଣି iii) ଡେଟଲ୍ ପାଣି iv) ଫିନାଇଲ ପାଣି

ଟ) ବାପାଙ୍କ ମୃତ୍ୟୁର କେତେବର୍ଷ ପରେ ଲେଖକଙ୍କ ବୋଉ ମୃତ୍ୟୁବରଣ କରିଥିଲେ ?

i) ଚାରି ବର୍ଷ ପରେ ii) ପାଞ୍ଚ ବର୍ଷ ପରେ iii) ଛ' ବର୍ଷ ପରେ iv) ସାତ ବର୍ଷ ପରେ

ଠ) କାହାକୁ ସାଥିରେ ଧରି ଲେଖକ କୂଅ ପୋଖରୀ ବିଶୋଧନ କରାଉଥିଲେ ?

i) ଡାକ୍ତର ii) ୱାର୍ଡ଼ମେମ୍ବର iii) ସରପଞ୍ଚ iv) ସାନିଟାରୀ ଇନ୍ସପେକ୍ଟର

ଡ) ସାନପିଲା ଥିଲାବେଳେ ଲେଖକ କେଉଁଠି ଶୋଉଥିଲେ ?

i) ବୋଉ ପାଖରେ ii) ବାପାଙ୍କ ପାଖରେ iii) ଭାଇନାଙ୍କ ପାଖରେ iv) ଏକୁଟିଆ ଖଟରେ

ଢ) କେତେଦିନ ପରେ ବାପାଙ୍କ ପାଦର ଘାଆ ଶୁଖିଗଲା ?

i) ବାର ଦିନ ii) ପନ୍ଦର ଦିନ iii) ଦଶ ଦିନ iv) କୋଡ଼ିଏ ଦିନ

ଣ) କେଉଁ ମସିହାରେ ଅଳକାଶ୍ରମର ଆଖ ପାଖ ଅଞ୍ଚଳରେ ଭୀଷଣ ହଇଜା ବ୍ୟାପୀଥିଲା ?

i) ୧୯୨୦ ii) ୧୯୨୨ iii) ୧୯୨୧ iv) ୧୯୨୩

ତ) ଲେଖକ କେଉଁଠି ରୋଗୀସେବା ତାଲିମ ପାଇଥିଲେ ?

i) କଲେଜରେ ii) ଚାଟଶାଳୀରେ iii) ଟିଉସନରେ iv) ସତ୍ୟବାଦୀ ସ୍କୁଲରେ

୨ . ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ଦୁଇ ବା ତିନିଟି ଧାଡ଼ିରେ ଲେଖ ।

( ପ୍ରତ୍ୟେକ ପ୍ରଶ୍ନ ଦୁଇ ଅଙ୍କ ଲେଖାଏଁ ବହନ କରେ )

କ) ଛୋଟ ପିଲାମାନେ କାହିଁକି ବୈଦ୍ୟଙ୍କୁ ଦେଖି ଡରୁଥିଲେ ?

ଖ) ସେ ସମୟରେ ଗ୍ରାମବାସୀମାନଙ୍କର ଡାକ୍ତରଙ୍କ ବିଷୟରେ କ'ଣ ଧାରଣା ଥିଲା ?

ଗ) କଟାଘା'ର ଚିକିତ୍ସା ବିଷୟରେ ସ୍ୱାସ୍ଥ୍ୟରକ୍ଷା ବହିରେ କ'ଣ ଲେଖାଥିଲା ?

ଘ) ବୈଦ୍ୟ ଗୋଡ଼ର କଟାଘାଆ ଶୁଖାଇବା ପାଇଁ କେଉଁ ଜିନିଷର ବ୍ୟବହାର କରୁଥିଲେ ?

ଙ) 'ସୁଦୁରିଆନା' କିଏ ?

ଚ) ସୁଦର୍ଶନ ପ୍ରହରାଜଙ୍କର ବ୍ୟକ୍ତିତ୍ୱ କିପରି ଥିଲା ?

ଛ) ସତ୍ୟବାଦୀ ବିଦ୍ୟାଳୟର ଛାତ୍ରମାନେ କିପରି ରୋଗୀସେବା କରୁଥିଲେ ?

ଜ) ବୋଉଙ୍କର ସ୍ନେହପୂର୍ଣ୍ଣ ଆଦେଶ ଲେଖକ ଭାଙ୍ଗି ନ ପାରିବାର କାରଣ କ'ଣ ?

ଝ) 'ଯାହା କରିବେ ସାଇଁ, ତାହା କାହାରି ହାତରେ ନାହିଁ - ଲେଖକଙ୍କ ବାପା ଏପରି କାହିଁକି କହିଥିଲେ ?

ଞ) ଲେଖକ ତାଙ୍କ ବାପାଙ୍କ ପାଦରୁ ହେଉଥିବା ରକ୍ତସ୍ରାବକୁ କିପରି ବନ୍ଦ କରିଥିଲେ ?

ଟ) ଗ୍ରାମର ବୈଦ୍ୟ କିପରି ବିଭିନ୍ନ ରୋଗର ଚିକିତ୍ସା କରନ୍ତି ?

ଠ) ବୋଉର ସ୍ମରଣଶକ୍ତି ସମ୍ପର୍କରେ ଲେଖକ କ'ଣ କହିଛନ୍ତି ?

ଡ) ସତ୍ୟବାଦୀ ସ୍କୁଲର ବିଶେଷତ୍ୱ କ'ଣ ଥିଲା ?

ଢ) ସୁଦର୍ଶନଙ୍କ ସହିତ ମିଶି ଲେଖକ କିପରି ରୋଗୀସେବା କରୁଥିଲେ ?

ଣ) ଜିଲ୍ଲା ମାଜିଷ୍ଟ୍ରେଟ ସତ୍ୟବାଦୀ ସ୍କୁଲର ଛାତ୍ରମାନଙ୍କୁ ପ୍ରତିବର୍ଷ ନିମନ୍ତ୍ରଣ କରୁଥିଲେ କାହିଁକି ?

୩ . ସପ୍ରସଙ୍ଗ ସରଳାର୍ଥ ଲେଖ । ( ପ୍ରତ୍ୟେକ ପ୍ରଶ୍ନ ପାଞ୍ଚ ଅଙ୍କ ଲେଖାଏଁ ବହନ କରେ )

କ) " ବଡ଼ ସ୍ନେହଭରା ଅଥଚ କରୁଣ ସେ ଚାହାଁଣୀ । "

ଖ) " ଯଦି ଚିତ୍ରକର ହୋଇଥାଆନ୍ତି, ତେବେ ତା'ର ଗୋଟିଏ ଅପରୂପ ଛବି ଆଙ୍କି ଦେଇପାରନ୍ତି । "

## ବିଷୟ - ଡାକମୁନ୍ସି

୧) ପ୍ରତ୍ୟେକ ପ୍ରଶ୍ନ ତଳେ ଦିଆଯାଇଥିବା ଉତ୍ତରମାନଙ୍କ ମଧ୍ୟରୁ ସଠିକ୍ ଉତ୍ତରଟି ବାଛି ଲେଖ ।

(ପ୍ରତ୍ୟେକ ପ୍ରଶ୍ନ ୧ଅଙ୍କ ବହନ କରେ)

କ)ହରି ସିଂହ କଟକରେ କେତେବର୍ଷ ଧରି ଚାକିରି କରୁଥିଲେ ?

i) ପାଞ୍ଚ ବର୍ଷ ii) ଦଶ ବର୍ଷ iii) ତିନି ବର୍ଷ iv) ଦୁଇ ବର୍ଷ

ଖ) 'ବାହାଲ'ର ଅର୍ଥ କଣ ?

i) ବୋହିବା ii) ବାହାରିବା iii) ପହଞ୍ଚିବା iv) ନିଯୁକ୍ତ ହେବା

ଗ) ଗୋପାଳ ମାଆର କେଉଁ ରୋଗ ହୋଇଥିଲା ?

i) ସନ୍ନିପାତ ii) ଜର iii) ହଇଜା iv) ଗ୍ରହଣୀ ଝାଡ଼ା

ଘ) ଗୋପାଳ ବଡ଼ ହୋଇ କେଉଁ ଚାକିରି କରିବ ବୋଲି ହରି ସିଂହ ଆଶା କରିଥିଲେ?

i)ମାଷ୍ଟର ii) ପୋଷ୍ଟ ମାଷ୍ଟର iii) ପୋଷ୍ଟ ପିଅନ iv) ହେଡ଼ ପୋଷ୍ଟ ପିଅନ

ଙ) ଦୁଇଅଣା – କହିଲେ କେତେ ପଇସା ?

i) ୧୬ ପଇସାରୁ ଟିକେ ଅଧିକ ii) ୧୨ ପଇସାରୁ ଟିକେ ଅଧିକ

iii) ୨ ପଇସାରୁ ଟିକେ ଅଧିକ iv) ୨୦ ପଇସାରୁ ଟିକେ ଅଧିକ

ଚ) ନିମ୍ନ ଲିଖିତ ଉପନ୍ୟାସ ମଧ୍ୟରୁ କେଉଁଟି ଫକୀର ମୋହନ ସେନାପତିଙ୍କ ରଚନା ନୁହେଁ ?

i) ଛ ମାଣ ଆଠ ଗୁଣ୍ଠ ii) ଲଛମା iii) ମାମୁ iv) ଝରା ଶେଫାଳି

ଛ) ହରି ସିଂହଙ୍କ କେତେ ବର୍ଷରେ ପେନସନ ନେବାର ସମୟ ହୋଇଥିଲା ?

i) ଷାଠିଏ ii) ପଞ୍ଚାବନ iii) ପଚାଶ iv) ବାଉନ

ଜ)ପୋଷ୍ଟ ମାଷ୍ଟର ବାବୁ କେତେବେଳେ ଖବର କାଗଜ ପଢ଼ନ୍ତି ?

i) ସଞ୍ଜ ବେଳେ ii) ସକାଳେ iii) ରାତିରେ iv) ବଡ଼ି ଭୋରୁ

ଝ) ହରି ସିଂହଙ୍କ ଚାକିରି କେତେ ବର୍ଷ ବଢ଼ି ଥିଲା ?

i) ତିନି ବର୍ଷ ii) ଏକବର୍ଷ iii) ଦୁଇବର୍ଷ iv) ଚାରି ବର୍ଷ

ଞ) ଗୋପାଳର ଚାକିରି କିଏ କରାଇ ଥିଲେ ?

i) ହରି ସିଂହ ii) ପୁରୁଣା ପୋଷ୍ଟ ମାଷ୍ଟର iii) ଉପର ହାକିମ iv) ହେଡ଼ ମାଷ୍ଟର

ଟ) ହରି ସିଂହ ନିରୋଳାରେ କାନ୍ଦୁଥିଲେ କାହିଁକି ?

i) ଗୋପାଳ ଚାକିରି ପାଇବାରୁ ii) ବୁଢ଼ୀ ମରିଯିବାରୁ

iii) ବୁଢ଼ୀକୁ ମନେ ପକାଇ iv) ଏକୁଟିଆ ଘର କାମ କରୁଥିବାରୁ

ଠ) ଗୋପାଳ ପ୍ରଥମ ମାସ କେତେ ଟଙ୍କା ଦରମା ପାଇଥିଲା ?

i) ଦଶ ଟଙ୍କା ii) ଚାରି ଟଙ୍କା iii) ନଅ ଟଙ୍କା iv) କୋଡ଼ିଏ ଟଙ୍କା

ଡ) ଗୋପାଳ ବାବୁ କିପରି କନ୍ୟା ବିବାହ କରିବାକୁ ସ୍ଥିର କଲେ ?

i)ଜାତିରେ ବ୍ରାହ୍ମଣ ii) ଜାତିରେ ଅଚଳ iii) ସ୍ୱ ଜାତିରେ iv) ବିଦେଶୀ

ଢ)କାହାର ଗୋଟେ ଦେଶୀ ହୃଦୟ ରହିଛି ବୋଲି ଲେଖକ କହିଛନ୍ତି ?

i) ଗୋପାଳର ii) ହରି ସିଂହଙ୍କର iii) ପୋଷ୍ଟ ମାଷ୍ଟର ବାବୁଙ୍କର iv) ପିଅନର

ଣ)୧୯୫୭ ମସିହା ପୂର୍ବରୁ ଭାରତରେ ଏକ ଟଙ୍କାକୁ କେତେ ଭାଗରେ ବିଭକ୍ତ କରାଯାଇଥିଲା ?

i) ୧୨ ଭାଗ ii) ୧୦ ଭାଗ iii) ୧୦୦ ଭାଗ iv) ୧୬ ଭାଗ

ତ ) ଡାକମୁନସି ଗଳ୍ପର ଲେଖକ କିଏ ?

i) ଫକୀରମୋହନ ସେନାପତି ii)ରାଜକିଶୋର ରୟ

iii) ଶତ୍ରୁଘ୍ନ ନାଥ iv)ବୈଦ୍ୟନାଥ ମିଶ୍ର

ଥ) ଗୋପାଳର ପିତାଙ୍କ ନାମ କଣ ?

i)ରାମ ସିଂ ii)ହରି ସିଂ

iii)ନରି ସିଂ iv)ତାରା ସିଂ

ଦ) କେଉଁଠି ନିଆଁ ଟିକକ ପାଇଁ ଦିଆସିଲିଟା କିଣା ହେଉଥିଲା?

i) ଢେଙ୍କାନାଳ ii)ଅନୁଗୁଳ

iii)କଟକ iv)ବାରିପଦା

ଧ) ହରି ସିଂ କଟକରେ କେତେ ଟଙ୍କା ଦରମା ପାଉଥିଲେ?

i) ଆଠ ii) ନଅ

iii) ଦଶ iv)ଏଗାର

ନ) ଏକ ଟଙ୍କା କେତେ ଅଣା ?

i) ପନ୍ଦର ii)ଷୋହଳ

iii)ସତର iv)ଅଠର

ପ) ଗୋପାଳର ମା କେଉଁ ରୋଗରେ ମୃତ୍ୟୁ ଲଭିଲେ?

i)ସନ୍ନିପାତ ii)ହଇଜା

iii) ମ୍ୟାଲେରିଆ iv) ଡେଙ୍ଗୁ

ଫ) ଗୋପାଳ ମାଇନର ପାସ କଲାପରେ କେଉଁ ପୋଷ୍ଟରେ ନିଯୁକ୍ତ ହେଲେ ?

i)ପିଅନ ii)ପୋଷ୍ଟମାଷ୍ଟର

iii)ସବ _ପୋଷ୍ଟମାଷ୍ଟର iv)ମାଷ୍ଟର

ବ) 'ମୁଟରି' ଅର୍ଥ -

i)ଗଣ୍ଠିଲି ii)ଗାଳି

iii)ଅସୁବିଧା iv)ପୋଷାକ

ଭ) ଡାକମୁନ୍ସି ବାବୁଙ୍କର ପୂରା ନାମ କଣ ଥିଲା ?

i) ଗୋପାଳ ଚନ୍ଦ୍ର ସିଂ ii)ଦାମୋଦର ସିଂ

iii)ଗୁଲସନ ସିଂ iv)ତାରାପ୍ରସାଦ ସିଂ

୨) ଦୁଇ ବା ତିନୋଟି ଧାଡ଼ିରେ ନିମ୍ନ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ |

(ପ୍ରତ୍ୟେକ ପ୍ରଶ୍ନ ୨ଅଙ୍କ ବହନ କରେ)

କ) ନଅ ଟଙ୍କା ଦରମାରେ ହରି ସିଂହ କିପରି ଗୁଜୁରାଣ ମେଣ୍ଟାଉ ଥିଲେ ?

ଖ) ଗୋପାଳ ବାବୁ କେଉଁଠାରେ ପ୍ରଥମେ ନିଯୁକ୍ତ ହେଲେ ?

ଗ) ଉପରିସ୍ଥ ହାକିମମାନେ ହରି ସିଂହଙ୍କୁ କାହିଁକି ଆଦର କରୁଥିଲେ ?

ଘ) ଗୋପାଳ ବାବୁ ବାପାଙ୍କୁ ଘୃଣା କରିବାକୁ ଲାଗିଲେ କାହିଁକି ?

ଙ) ଗୋପାଳବାବୁ ବୁଢ଼ାକୁ ଗାଳି କଲେ କାହିଁକି ?

ଚ) 'ପିଅନଟା ମୂର୍ଖ , ଇଂରାଜୀ ପଢ଼ି ନାହିଁ , ତାର ଗୋଟିଏ ଦେଶୀ ହୃଦୟ ଅଛି '- ଏ କଥାର ତାତ୍ପର୍ଯ୍ୟ କଣ ?

ଛ) ହରି ସିଂହ ଶେଷରେ ଗାଁକୁ ଯାଇ ଖୁସିରେ ରହିଲେ କିପରି ?

ଜ) ଗୋପାଳ ଏକ ଅନୁଗତ ପୁତ୍ର ନୁହେଁ ବୋଲି କିପରି ଜଣାପଡୁଛି ?

ଝ) ପୋଷ୍ଟମାଷ୍ଟର୍ ବାବୁ କେତେବେଳେ ଇଂରେଜୀ ଖବର କାଗଜ ପଢୁଥିଲେ ?

ଞ) ହରିସିଂ କେଉଁ ପୋଷ୍ଟ ଅଫିସରେ କାର୍ଯ୍ୟ କରୁଥିଲେ ?

ଟ) ମାସିକ ଦରମା ରୂପେ ହରି ସିଂଙ୍କୁ କେତେ ଟଙ୍କା ମିଳୁଥିଲା ?

ଠ) ହରିସିଂ ଗାଆଁରେ ପହଞ୍ଚି କ'ଣ ଦେଖିଲେ ?

ଡ) ଚାକିରି ସରିଯିବା ପରେ ହରି ସିଂଙ୍କର କ'ଣ ଅସୁବିଧା ହେଲା ?

ଢ) ପତ୍ନୀଙ୍କ ମୃତ୍ୟୁ ପରେ ହରି ସିଂ କ'ଣ କଲେ ?

ଣ) ଗୋପାଳକୁ ଇଂରେଜୀ ପଢ଼ାଇବା ପାଇଁ ହରିସିଂ କାହିଁକି ଇଚ୍ଛା କରିଥିଲେ ?

ତ) ହରି ସିଂଙ୍କ ଦେହ କାହିଁକି କଳାକାଠ ପଡ଼ିଯାଇଥିଲା ?

***